# NATIONAL NEWS BULLETIN (ODIA)
## 31 May - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତାକାଲି ହେବ ଭୋଟଗ୍ରହଣ ।

– ଓଡ଼ିଶାରେ ୬ଟି ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଲାଗି ହେବ ମତଦାନ ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝଡ଼ବାତ୍ୟା ରେମାଲର ପରିଣାମକୁ ଦେଖି ଚିନ୍ତାପ୍ରକଟ କରିବା ସହ ସରକାରଙ୍କ ପକ୍ଷରୁ ସମସ୍ତ ସମ୍ଭାବ୍ୟ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି ।
- ଜାମ୍ମୁ କାଶ୍ମୀରର ଅଖନୁର ବସ୍ ଦୁର୍ଘଟଣାରେ ୬ଜଣ ଅଧିକାରୀଙ୍କୁ ନିଲମ୍ବନ କଲେ ସରକାର ।
- ବେଙ୍ଗାଲୁରୁର ଏକ ଅଦାଲତ କର୍ଣ୍ଣାଟକର ହାସନ ସାଂସଦ ପ୍ରଜ୍ୱଲ ରେବାନ୍ନାଙ୍କୁ ୬ ଦିନ ପାଇଁ ଏସ୍.ଆଇ.ଟି. ହାଜତକୁ ପଠାଇ ଦେଇଛନ୍ତି ।

ଏବଂ

- ସିଙ୍ଗାପୁର ବ୍ୟାଡ୍‌ମିଣ୍ଟନ୍ ଓପନ୍ ୨୦୨୪ର ମହିଳା ଡବଲ୍ସର ସେମିଫାଇନାଲ୍‌ରେ ପହଞ୍ଚିଲେ ଭାରତୀୟ ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପିଚାନ୍ଦ ।

## ସେଭେନ୍ ଫେଜ୍ ଇଲେକ୍‌ସନ୍

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଆସନ୍ତାକାଲି ଭୋଟ ଗ୍ରହଣ କରାଯିବ । ଏଥିଲାଗି ଗତ ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ସଂସଦୀୟ କ୍ଷେତ୍ର ଲାଗି ମତଦାନ ହେବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଲୋକସଭା ଆସନ ଅନ୍ତର୍ଭୁକ୍ତ । ଏହି ପର୍ଯ୍ୟାୟରେ ଲୋକସଭା ଆସନଗୁଡ଼ିକ ଲାଗି ୯୦୪ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ହେବ । ସେମାନଙ୍କ ମଧ୍ୟରେ ଅଛନ୍ତି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, କଂଗ୍ରେସ ନେତା ବିକ୍ରମାଦିତ୍ୟ ସିଂ ଏବଂ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀ ।

ନିର୍ବାଚନ କମିଶନଙ୍କ ପକ୍ଷରୁ ମତଦାନ ପ୍ରକ୍ରିୟାକୁ ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛତାର ସହ ପରିଚାଳନା କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମତଦାନ ସକାଳ ୭ଟାରୁ ଆରମ୍ଭ ହେବ । ୧୦ଲକ୍ଷ ୯୦ ହଜାରରୁ ଊର୍ଦ୍ଧ୍ୱ ପୁଲିଂ ଅଧିକାରୀ ଏହି ପର୍ଯ୍ୟାୟରେ ନିର୍ବାଚନ ପରିଚାଳନା ପାଇଁ ମୁତୟନ ହୋଇଛନ୍ତି । ୧୦ କୋଟି ୬୦ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ପ୍ରାର୍ଥୀମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ । ଆସନ୍ତାମାସ ୪ ତାରିଖରେ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

## ଓଡ଼ିଶା ଇଲେକ୍‌ସନ୍

ଓଡ଼ିଶାରେ ଆସନ୍ତାକାଲି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର ।

ଏଥିରେ ୯୯ଲକ୍ଷ ୬୧ହଜାର ୫୭ ଜଣ ମତଦାତା ୧୦ହଜାର ୮୮୨ଟି ଭୋଟଗ୍ରହଣ କେନ୍ଦ୍ରରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାର ଧଳ ଏ ସମ୍ପର୍କରେ ସୂଚନା ଦେଇ

କହିଛନ୍ତି, ଏହି ପର୍ଯ୍ୟାୟ ନିର୍ବାଚନରେ ୧ହଜାର ୪୦୦ରୁ ଅଧିକ ସଖି ବୁଥ୍ କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ଶେଷ କରିବା ପାଇଁ ୭୨ହଜାର ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ରାଜ୍ୟର ଅବଶିଷ୍ଟ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ୩୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସୁରକ୍ଷା ଦୃଷ୍ଟିରୁ ୧୨୬ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳକୁ ଷ୍ଟ୍ରଙ୍ଗ୍ ରୁମ୍ ସମେତ ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ମୁତୟନ କରାଯାଇଛି ।

ଏହି ଅନ୍ତିମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ପ୍ରତାପ ଷଡ଼ଙ୍ଗୀ, ବିଜେପିର ଜାତୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏବଂ କଂଗ୍ରେସର ଶ୍ରୀକାନ୍ତ କୁମାର ଜେନା ଅଛନ୍ତି । ସେହିଭଳି ଏହି ପର୍ଯ୍ୟାୟ ଲୋକସଭା ନିର୍ବାଚନ ସହିତ ରାଜ୍ୟ ବିଧାନସଭା ଲାଗି ହେଉଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅଶ୍ୱିନୀ ପାତ୍ର, ତୁଷାରକାନ୍ତୀ ବେହେରା, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ରହିଛନ୍ତି ।

# ପିଏମ୍-ଡିଜାଷ୍ଟର୍

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମ, ମଣିପୁର, ମେଘାଳୟ, ମିଜୋରାମ, ତ୍ରିପୁରା ଏବଂ ପଶ୍ଚିମବଙ୍ଗରେ ଝଡ଼ବାତ୍ୟା ରେମାଲର ପରିଣାମକୁ ଦେଖି ଚିନ୍ତା ପ୍ରକଟ କରିଛନ୍ତି ।  ସାମାଜିକ ଗଣମାଧ୍ୟମରେ ଆଜି ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ପ୍ରଭାବିତ ସମସ୍ତଙ୍କ ପ୍ରତି ତାଙ୍କର ସମବେଦନା ରହିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିର ସେ  ସମୀକ୍ଷା କରୁଛନ୍ତି ଏବଂ କେନ୍ଦ୍ର ସରକାର ସେହି ରାଜ୍ୟଗୁଡ଼ିକୁ  ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବେ ବୋଲି ଆଶ୍ୱସ୍ତ କରିଛନ୍ତି । ସେ କହିଛନ୍ତି, ଅଧିକାରୀମାନେ ପ୍ରଭାବିତ ଲୋକମାନଙ୍କ ସହାୟତା ପାଇଁ ସେଠାରେ ନିୟୋଜିତ ଅଛନ୍ତି ।

# ଏଚ୍‌ଏମ୍-ରେମାଲ

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଘୂର୍ଣ୍ଣିଝଡ଼ ରେମାଲ ଦ୍ୱାରା ଆସାମ, ତ୍ରିପୁରା, ମଣିପୁର, ମେଘାଳୟ ଏବଂ ମିଜୋରାମରେ ସୃଷ୍ଟି ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ନେଇ ସେ ଅବଗତ ଅଛନ୍ତି ଏବଂ ଏ ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ପ୍ରଭାବିତ ଲୋକଙ୍କ ସହ ଏ

ପରିସ୍ଥିତିରେ ଦୃଢ଼ତାର ସହ ରହିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ସେ ମଧ୍ୟ ସମ୍ପୃକ୍ତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ କଥାବାର୍ତ୍ତା କରି ପରିସ୍ଥିତିର ସମୀକ୍ଷା କରିଛନ୍ତି ଓ ସମସ୍ତ ସମ୍ଭାବ୍ୟ ସହାୟତା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

## ଚେନ୍ନାଇ ପିଏମ୍ ବିବେକାନନ୍ଦ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୪୫ ଘଣ୍ଟା ବ୍ୟାପି ତପସ୍ୟା ଆଜି ଦ୍ୱିତୀୟ ଦିବସରେ ପହଞ୍ଚିଛି । ସେ ସ୍ୱାମୀ ବିବେକାନନ୍ଦ ମେମୋରିଆଲ୍ ଠାରେ ତପସ୍ୟାରତ ରହିଛନ୍ତି । ଗତକାଲି ସେ କନ୍ୟାକୁମାରୀ ଠାରେ ପହଞ୍ଚିଥିଲେ । ଧ୍ୟାନମଗ୍ନ ହେବା ପୂର୍ବରୁ ସେ ଭଗବତୀ ଆମ୍ମା ମନ୍ଦିର ପରିଦର୍ଶନ କରିଥିଲେ । ୪୩ ବର୍ଷ ପୁରାତନ ଧ୍ୟାନ ମଣ୍ଡପରେ ପ୍ରଧାନମନ୍ତ୍ରୀ ତପସ୍ୟାରତ ଅଛନ୍ତି । ସେହି ମଣ୍ଡପରେ ସ୍ୱାମୀ ବିବେକାନନ୍ଦ ୧୮୯୨ ମସିହାରେ ଧ୍ୟାନମଗ୍ନ ରହିଥିଲେ । ପ୍ରଧାନମନ୍ତ୍ରୀ ସେଠାରେ ସୂର୍ଯ୍ୟ ଅର୍ଘ୍ୟ ଅର୍ପଣ କରିଥିଲେ । କନ୍ୟା କୁମାରୀ ଭାରତର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ । ଏତଦ୍‌ବ୍ୟତୀତ ସେହି ସ୍ଥାନ ବଙ୍ଗୋପସାଗର, ଆରବ ସାଗର ଏବଂ ଭାରତ ମହାସାଗରର ସଙ୍ଗମସ୍ଥଳ । ୩୩ ବର୍ଷ

ପୂର୍ବେ ଶ୍ରୀ ମୋଦୀ ୧୯୯୧ ମସିହା ଡିସେମ୍ବର ୧୧ ତାରିଖ ଦିନ କନ୍ୟା କୁମାରୀରୁ କାଶ୍ମୀରିକୁ ଏକତା ଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

## ଜେକେ-ଅଖନ୍ନୁର ଆକ୍ସିଡେଣ୍ଟ

ଜାମ୍ମୁ କାଶ୍ମୀରରେ ସରକାର ଆଜି ୬ ଜଣ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । ସେମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କାଠୁଆଠାରେ କାର୍ଯ୍ୟରତ ଏମ୍.ଭି.ଆଇ. ମଧ୍ୟ ଅଛନ୍ତି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଗତକାଲି ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନର କିଛି ଶ୍ରଦ୍ଧାଳୁଙ୍କୁ ନେଇ ଗୋଟିଏ ବସ ରିଆସି ଜିଲ୍ଲାର ଶିବଖୋରୀ ଗୁମ୍ଫା ପରିଦର୍ଶନ କରିବାକୁ ଯାଉଥିବା ସମୟରେ ଜାମ୍ମୁ ପୁଞ୍ଚ ଜାତୀୟ ରାଜପଥର ଟୁଙ୍ଗି ମୋରହ ଠାରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ସେହି ଦୁର୍ଘଟଣାରେ ୨୨ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଥିଲା ଏବଂ ୬୯ ଜଣ ଶ୍ରଦ୍ଧାଳୁ ଆହତ ହୋଇଥିଲେ । ବସ୍‌ଟି ଅଖନ୍ନୁରର ତଣ୍ଡା ନିକଟବର୍ତ୍ତୀ ଗୋଟିଏ ଖାଇକୁ ଖସିପଡ଼ିଥିଲା । ମୃତକଙ୍କ ମଧ୍ୟରେ ୬ ଜଣ ଶିଶୁ ଏବଂ ୮ ଜଣ ମହିଳା ରହିଛନ୍ତି । ଆହତଙ୍କ ମଧ୍ୟରେ ୧୭ ଜଣ ଶିଶୁ ଓ ୨୯ ଜଣ ମହିଳା ରହିଛନ୍ତି । ସରକାର ଏ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଭାରପ୍ରାପ୍ତ ଅନୁସନ୍ଧାନକାରୀ ଅଧିକାରୀଙ୍କୁ ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ

କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜାମ୍ମୁ କାଶ୍ମୀରର ସଡ଼କ ସୁରକ୍ଷା ପରିଷଦ ସଚିବାଳୟର ଅତିରିକ୍ତ ସଚିବ ପରମବୀର ସିଂହଙ୍କୁ ଏହି ଦୁର୍ଘଟଣାର ତଦନ୍ତଭାର ଦିଆଯାଇଛି ।

## କର୍ଣ୍ଣାଟକ-ରେବାନ୍ନା

ବେଙ୍ଗାଲୁରୁର ଏକ ଅଦାଲତ କର୍ଣ୍ଣାଟକ ହାସନ ସାଂସଦ ପ୍ରଜ୍ୱଲ ରେବାନ୍ନାଙ୍କୁ ୬ ଦିନ ପାଇଁ ଏସ୍.ଆଇ.ଟି. ହାଜତକୁ ପଠାଇ ଦେଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଯୌନ କେଳେଙ୍କାରୀ ମାମଲାରେ ଗତ ରାତିରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଆନ୍ତର୍ଜାତିକ ବିମାନ ବନ୍ଦରରୁ ତାଙ୍କୁ ଗିରଫ୍ କରିଥିଲା । ପ୍ରଜ୍ୱଲ ରେବାନ୍ନା ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଶେଷ ହେବା ପରେ ଏପ୍ରିଲ୍ ୨୭ ତାରିଖ ଦିନ ଦେଶ ବାହାରକୁ ଚାଲିଯାଇଥିଲେ ଏବଂ ଗତ ରାତିରେ ସେ ମ୍ୟୁନିକ୍‌ରୁ ଫେରିଥିଲେ । ତାଙ୍କ ବିରୁଦ୍ଧରେ ଯୌନ ନିର୍ଯାତନାର ଅଭିଯୋଗ ରହିଛି । ହାସନର ଏହି ୩୩ ବର୍ଷୀୟ ସାଂସଦ ଚଳିତ ନିର୍ବାଚନରେ ମଧ୍ୟ ସେହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ଏସ୍.ଆଇ.ଟି. ହାଜତରେ ରହିବାକୁ କୋର୍ଟ୍ ନିର୍ଦ୍ଦେଶ ଦେଇଛନ୍ତି ।

## କୋର୍ଟ-ବିଭବ କୁମାର

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବ୍ୟକ୍ତିଗତ ସହାୟକ ବିଭବ କୁମାର ସ୍ୱାତୀ ମାଲିୱାଲ୍ ଅସଦାଚରଣ ମାମଲାରେ ଗିରଫ୍‌ଦାରୀକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟରେ କରିଥିବା ଆବେଦନ ଉପରେ କୋର୍ଟ୍ ତାଙ୍କର ରାୟ ସଂରକ୍ଷିତ ରଖିଛନ୍ତି । ଦିଲ୍ଲୀ ପୁଲିସ୍ ପକ୍ଷରୁ ଏହି ଆବେଦନ ଉପରେ ନୋଟିସ୍‌କୁ ବିରୋଧ କରାଯିବା ପରେ ବିଚାରପତି ସ୍ୱର୍ଣ୍ଣକାନ୍ତ ଶର୍ମା ତାଙ୍କର ରାୟ ସଂରକ୍ଷିତ ରଖିଛନ୍ତି । ବିଭବ କୁମାର ତାଙ୍କ ଆବେଦନରେ ତାଙ୍କ ଗିରଫ୍‌ଦାରୀକୁ ଅବୈଧ ଘୋଷଣା କରିବାକୁ  ଦାବି ରଖିଥିଲେ ଏବଂ ଧାରା ୪୧-ଏର ଉଲ୍ଲଙ୍ଘନ ହୋଇଛି ବୋଲି ସେ କୋର୍ଟ୍‌କୁ ଜଣାଇଥିଲେ । ବିଭବ କୁମାର ଆମ୍ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲଙ୍କ ଲିଖିତ ଅଭିଯୋଗ ପରେ ଚଳିତ ମାସ ୧୮ ତାରିଖ ଦିନ ଗିରଫ୍ ହୋଇଥିଲେ ।

## ସିଙ୍ଗାପୁର-ବ୍ୟାଡ୍‌ମିଣ୍ଟନ

ସିଙ୍ଗାପୁର ବ୍ୟାଡ୍‌ମିଣ୍ଟନ ଓପନ୍ ୨୦୨୪ରେ ଭାରତୀୟ ମହିଳା ଯୋଡ଼ି ତ୍ରିଶା ଜଲି ଏବଂ ଗାୟତ୍ରୀ ଗୋପିଚାନ୍ଦ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି । ସେମାନେ ମହିଳା ଡବଲ୍ସ  କ୍ୱାର୍ଟର ଫାଇନାଲ୍‌ରେ ଦକ୍ଷିଣ କୋରିଆର କିମ୍

ସୋ ୟଙ୍ଗ୍ ଓ ହଙ୍ଗ୍ ହି ଓ୍ୱେଙ୍ଗ୍ ଯୋଡ଼ିକୁ ୧୮-୨୧, ୨୧-୧୯ ଓ ୨୪-୨୨ ସେଟ୍‌ରେ ପରାସ୍ତ କରିଛନ୍ତି । ଏହି ଖେଳ ଏକଘଣ୍ଟା ୧୯ ମିନିଟ୍ ଧରି ଚାଲିଥିଲା ।

## ଜେକେ-ଟୁରିଜିମ୍

ଜାମ୍ମୁ କାଶ୍ମୀରରେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିବାରୁ ପ୍ରଶାସନ ପକ୍ଷରୁ ଉପାୟୁକ୍ତଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି । ସେହି କମିଟି ଜାମ୍ମୁ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ଜମି ଚିହ୍ନଟ କରିବ । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଚଳିତ ମାସ ମଧ୍ୟ ଭାଗ ସୁଦ୍ଧା ରେକର୍ଡ ସଂଖ୍ୟକ ବିଦେଶୀ ପର୍ଯ୍ୟଟକଙ୍କ ସମେତ ପ୍ରାୟ ଏକ ନିୟୁତ ପର୍ଯ୍ୟଟକ ସେଠାକୁ ଆସିଛନ୍ତି ।